# NATIONAL NEWS BULLETIN (ODIA)

**18 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ଏବଂ କତାର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ପୂରିଲା ୯ ବର୍ଷ ।

– ଚଳିତ ବଜେଟରେ ଅଣସ୍ତରୀ ହଜାର ୫୧୫ କୋଟି ଟଙ୍କାର ବ୍ୟୟ ଅଟକଳ

- ଭାରତକୁ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସମ୍ବଳ ଅପଚୟ ହ୍ରାସ ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି କେନ୍ଦ୍ର ପରିବେଶମନ୍ତ୍ରୀ
- ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ଜମ୍ମୁ କାଶ୍ମୀରରେ ସମୀକ୍ଷା କରୁଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଆଜି ମୁହାଁମୁହିଁ ହେବେ ଗୁଜରାଟ ଜାଏଣ୍ଟସ୍ ଓ ମୁମ୍ବାଇ ଇଣ୍ଡିଆନ୍ସ

---

## ଇଣ୍ଡିଆ-କତାର ବିଜିନେସ୍ ଫୋରମ୍

ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ଆୟୋଜିତ ଭାରତ-କତାର ମିଳିତ ବ୍ୟବସାୟ ଫୋରମ୍ ର ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ବାଣିଜ୍ୟ ଓ

ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଏବଂ କତ୍ତାର ପ୍ରତିପକ୍ଷ ଶେଖ୍ ଫୈଜଲ୍ ବିନ୍ ଥାନୀ ବିନ୍ ଫୈଜଲ୍ ଅଲ୍ ଥାନୀ ଯୋଗ ଦେଇଥିଲେ । ଏହି ଅବସରରେ ଭାରତ ଓ କତ୍ତାର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏ ସଂପର୍କରେ କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି :

**V/O (Piyush Goyal MOU)**

ଗଣମାଧ୍ୟମ ସହ କଥାବାର୍ତ୍ତା କରି ପିୟୁଷ ଗୋୟଲ ଭାରତ ଓ କତ୍ତାର ମଧ୍ୟରେ ଥିବା ଐତିହାସିକ ସଂପର୍କ ଏବଂ ସହଯୋଗର ବିପୁଳ ସମ୍ଭାବନା ରହିଥିବା କହିଛନ୍ତି । ଉଭୟ ଦେଶ  ନୂତନ ଜ୍ଞାନକୌଶଳ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ସଂପର୍କକୁ ଆହୁରି ସୁଦୃଢ଼ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି :

**V/O (Piyush Goyal Kattar)**

# ପିଏମ୍-ଫସଲ ବୀମା ଯୋଜନା

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ୯ ବର୍ଷ ପୂରିଛି । ୨୦୧୬ ମସିହାରେ ଫସଲ ହାନୀ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିର ଶିକାର ହୋଇଥିବା କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ ।

କୃଷକଙ୍କ ଆୟ ସ୍ଥିର କରିବା କ୍ଷେତ୍ରରେ ଏହି ଯୋଜନାରେ ଅଭିନବ କୃଷି ପଦ୍ଧତିର ଗ୍ରହଣୀୟତାକୁ ପ୍ରୋତ୍ସାହିତ କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ର ସରକାର ବଜେଟ୍‌ରେ ଅଣସ୍ତରୀ ହଜାର ୫୧୫ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଫସଲ

ବୀମା ଯୋଜନା ଏବଂ ପାଣିପାଗ ଭିତ୍ତିକ ଫସଲ ବୀମା ଯୋଜନା ଜାରି ରଖିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ।

## ଡିଜିଟାଲ ବ୍ରାଣ୍ଡ୍

ସରକାରୀ ୱେବ୍‌ସାଇଟ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମରେ ସମାନତା ଆଣିବା ପାଇଁ କେନ୍ଦ୍ର ସରକାର ଡିଜିଟାଲ୍ ବ୍ରାଣ୍ଡ୍ ଚିହ୍ନଟ ନିୟମାବଳୀ ଜାରି କରିଛନ୍ତି । କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ନୂଆଦିଲ୍ଲୀରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ପ୍ରଯୁକ୍ତିବିଦ୍ୟା ମହାଶକ୍ତି ଭାବେ ଅଗ୍ରସର ହେଉଛି । ଏହା ଦେଶରେ ଡିଜିଟାଲ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବୈଷୟିକ ଅଭିନବତାକୁ ଅଗ୍ରାଧିକାର ଦେବ ବୋଲି ସେ କହିଛନ୍ତି ।

ଏହି ଡିଜିଟାଲ୍ ବ୍ରାଣ୍ଡ୍ ଚିହ୍ନଟ ନିର୍ଦ୍ଦେଶାବଳୀ ହେଉଛି ଏକ ମାର୍ଗଦର୍ଶିକା, ଯାହା ସରକାରଙ୍କ ଡିଜିଟାଲ୍ ପ୍ଲାଟଫର୍ମରେ ବ୍ରାଣ୍ଡ୍ ଚିହ୍ନଟ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବ ।

## ଭୂପେନ୍ଦ୍ର-କ୍ଲାଇମେଟ୍ ଚେଞ୍ଜ୍

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଉତ୍ପାଦ ଗୁଡ଼ିକର ପୁନଃ ବ୍ୟବହାର ଏବଂ ପୁନ ପ୍ରକ୍ରିୟାକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବର୍ଜ୍ୟବସ୍ତୁ ପୁନଃ ପ୍ରକ୍ରିୟାକରଣ ଏବଂ ଜଳବାୟୁ ପରିବର୍ତ୍ତନ-୨୦୨୫ ସଂପର୍କିତ ଅଷ୍ଟାଦଶ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଯାଦବ କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ସମ୍ବଳ ଅପଚୟ ହ୍ରାସ ଏବଂ ସମ୍ବଳ ଦକ୍ଷତା ବୃଦ୍ଧି ଅତ୍ୟନ୍ତ ଜରୁରୀ । ସେ

କହିଛନ୍ତି, ୨୦୫୦ ମସିହା ସୁଦ୍ଧା ଭାରତର ପୁନଃପ୍ରକ୍ରିୟାକରଣ ଅର୍ଥବ୍ୟବସ୍ଥାର ବଜାର ମୂଲ୍ୟ ୨ଲକ୍ଷ କୋଟି ଆମେରିକୀୟ ଡଲାର ଅତିକ୍ରମ କରିବ । ଏହା ୧ କୋଟି ନିଯୁକ୍ତି ସୃଷ୍ଟି କରିବ ବୋଲି ମନ୍ତ୍ରୀ କହିଛନ୍ତି ।

---

# ନେପାଳ ପିଏମ୍-ଓଡ଼ିଶା

ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଓଡ଼ିଶା ପୋଲିସ୍ ମାମଲା ରୁଜୁ କରିବା ସହ ଜଣେ ଛାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ନେପାଳ ପ୍ରଧାନମନ୍ତ୍ରୀ କେ.ପି.ଶର୍ମା ଓଲି ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ପରିସ୍ଥିତିର ସମାଧାନ ପାଇଁ ତାଙ୍କ ସରକାର କୂଟନୈତିକ ପ୍ରକ୍ରିୟା ଆରମ୍ଭ କରିଥିବା କହିଛନ୍ତି । ସେ କହିଛନ୍ତି, ସେଠାରେ ପଢୁଥିବା ନେପାଳୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ପାଇଁ ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସର ଦୁଇଜଣ ଅଧିକାରୀଙ୍କୁ ପଠାଯାଇଛି ।

ଅନ୍ୟପକ୍ଷରେ ନେପାଳ ଦୂତାବାସ ଭାରତ ସରକାର ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି ବୋଲି କୁହାଯାଇଛି ।

---

# ଅମିତ ଶାହା-କ୍ରିମିନାଲ୍ ଲ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଜାମ୍ମୁ କାଶ୍ମୀରରେ ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଓମାର୍ ଅବଦୁଲ୍ଲା, ଉପରାଜ୍ୟପାଳ ମନୋଜ ସିହ୍ନା

ଏବଂ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା ଚାଲିଛି । ବୈଠକରେ ପୁଲିସ୍, ଜେଲ୍, ଅଦାଲତ ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହେବା ସହ ଏଗୁଡ଼ିକର ସାଂପ୍ରତିକ ସ୍ଥିତି ଓ କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଉଛି ।

ଗତବର୍ଷ ଜୁଲାଇ ପହିଲାରେ ସାରା ଦେଶରେ ପ୍ରଣୟନ ହୋଇଥିବା ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ସାକ୍ଷ୍ୟ ନିୟମ ସହ ସମ୍ପର୍କିତ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ପ୍ରଭାବଶାଳୀ କରିବା ଲାଗି ଏହି ବୈଠକରେ ନିଷ୍କର୍ଷ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି ।

---

## ଏସ୍‌ସି-ରଣବୀର ଆହ୍ଲାବାଦିଆ

ଏକ ୟୁଟ୍ୟୁବ୍ କାର୍ଯ୍ୟକ୍ରମରେ ବିବାଦୀୟ ମନ୍ତବ୍ୟ ଦେଇଥିବା ନେଇ ଏକାଧିକ ମାମଲା ରୁଜୁ ହୋଇଥିବାରୁ ୟୁଟ୍ୟୁବର୍ ରଣବୀର ଆହ୍ଲାବାଦିଆଙ୍କୁ ଗିରଫଦାରିରୁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିଛନ୍ତି । ଇଣ୍ଡିଆଜ୍ ଗଟ୍ ଲ୍ୟାଟେଣ୍ଟ୍ କାର୍ଯ୍ୟକ୍ରମରେ ଆହ୍ଲାବାଦିଆ ଅନୁପଯୁକ୍ତ ମନ୍ତବ୍ୟ ଦେବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ମନ୍ତବ୍ୟକୁ ନାପସନ୍ଦ କରି ନ୍ୟାୟାଳୟ ସଂପୃକ୍ତ କାର୍ଯ୍ୟକ୍ରମର କୌଣସି ଇପିସୋଡ୍ ପ୍ରସାରଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଆହ୍ଲାବାଦିଆଙ୍କୁ ନିକଟସ୍ଥ ଥାନରେ ପାସ୍‌ପୋର୍ଟ ଜମା କରିବା ସହ ବିନା ଅନୁମତିରେ ଦେଶ ଛାଡ଼ିବାକୁ ବାରଣ କରାଯାଇଛି ।

---

# ଏମ୍‌ପି-ଡେଥ୍

ମଧ୍ୟପ୍ରଦେଶର ଭିଣ୍ଡୋ ଜିଲ୍ଲାରେ ଆଜି ସକାଳେ ଏକ ଦୁର୍ଘଟଣାରେ ୩ ଜଣ ମହିଳାଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ୨୦ ଜଣ ଆହତ ହୋଇଛନ୍ତି । ଏକ ବିବାହ ଉତ୍ସବରୁ କିଛି ଲୋକ ଭ୍ୟାନ୍‌ରେ ଫେରୁଥିବା ବେଳେ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଜବାହରପୁର ଗାଁ ନିକଟରେ ଘଟିଥିବା ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୩ ଜଣ ଓ ମେଡ଼ିକାଲରେ ଅନ୍ୟ ୨ ଜଣଙ୍କର ମୃତ୍ୟୁ ଘଟିଛି । ଗୁରୁତର ଆହତ ୧୨ ଜଣଙ୍କୁ ଗ୍ୱାଲିଅର ସ୍ଥାନାନ୍ତର କରାଯାଇଛି ।

---

# ଶ୍ରୀଲଙ୍କା-ଆଇଏମ୍‌ଏଫ୍

ଶ୍ରୀଲଙ୍କାର ଅର୍ଥନୈତିକ ସଂସ୍କାର କାର୍ଯ୍ୟକ୍ରମର ତୃତୀୟ ସମୀକ୍ଷା ପାଇଁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି-IMF ର କାର୍ଯ୍ୟନିର୍ବାହୀ ପରିଷଦ ଆସନ୍ତା ୨୮ ତାରିଖରେ ବୈଠକ କରିବ । ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶା ନାୟକେ ଗତକାଲି ବଜେଟ୍ ଉପସ୍ଥାପନ କରି ଜି.ଡି.ପି.ର ୬ ଦଶମିକ ୭ ପ୍ରତିଶତ ବିତ୍ତୀୟ ନିଅଣ୍ଟ ଦର୍ଶାଇଛନ୍ତି । ଆର୍ଥିକ ପ୍ୟାକେଜ୍ ଅଧୀନରେ ବଜେଟ ନିଅଣ୍ଟର କଠୋର ପରିଚାଳନା ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ପରାମର୍ଶ ଅନୁଯାୟୀ କରାଯାଉଛି । ୨୦୨୩ରେ IMF ଶ୍ରୀଲଙ୍କାକୁ ୨ଦଶମିକ ୯ ବିଲିୟନ ଆମେରିକୀୟ ଡଲାର ସମ୍ବଳିତ ସଂପ୍ରସାରିତ ପାଣ୍ଠି ବ୍ୟବସ୍ଥା ଯୋଗାଇ ଦେଇଥିଲା ।

୨୦୧୫ ପରଠାରୁ ଶ୍ରୀଲଙ୍କାର କୋହଳ ମୁଦ୍ରାନୀତି ଏମଂ ଅଧିକ ଋଣ ଯୋଗୁଁ ସେଠାରେ ମୁଦ୍ରା ସଂକଟ ଦେଖାଦେଇଛି । ତେବେ ଆନ୍ତର୍ଜାତିକ

ମୁଦ୍ରାପାଣ୍ଠିର ସହାୟତା ପରେ ଶ୍ରୀଲଙ୍କା ଏବେ ଅର୍ଥନୈତିକ ସ୍ଥିରତା ଆଡ଼କୁ ଗତି କରୁଛି ।

## ୱିଣ୍ଟର ଗେମ୍ସ

ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା-୨୦୨୫ର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ତୁଷାରପାତ ନ ହେବା ଯୋଗୁଁ ସ୍ଥଗିତ ରଖାଯାଇଛି । ଏହି ପ୍ରତିଯୋଗିତା ଚଳିତମାସ ୨୨ ତାରିଖରୁ ଜାମ୍ମୁକାଶ୍ମୀରର ଗୁଲ୍‌ମାର୍ଗରେ ଆରମ୍ଭ ହେବାର ଥିଲା । ଗୁଲ୍‌ମାର୍ଗର କାଙ୍ଗଡୋରୀ ଫେଜ୍-ୱାନ୍ ଏବଂ ଗଲ୍‌ଫ କୋର୍ସ କ୍ଲବ୍‌ରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାର ଥିଲା । ତୁଷାରପାତ ହେବା ପରେ ସଂଶୋଧିତ କାର୍ଯ୍ୟସୂଚୀ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

ଗତ ମାସ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଲଦାଖରେ ଶୀତକାଳୀନ କ୍ରୀଡ଼ାର ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ୬ଟି କ୍ରୀଡ଼ାରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ଅନୁଷ୍ଠାନର ୧୯ଟି ଦଳ ଏଥିରେ ଅଂଶ ଗ୍ରହଣ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ପଦକ ତାଲିକାରେ ଲଦାଖ ୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟପଦକ ସହ ଶୀର୍ଷରେ ରହିଛି ।

## ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଭଦୋଦରାର କୋଟାମ୍ଵି  ଷ୍ଟାଡିୟମ୍‌ରେ ଗୁଜରାଟ ଜାଏଣ୍ଟ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲି

ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୮ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରିଥିଲା ।

ପଏଣ୍ଟ ତାଲିକାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୪ ପଏଣ୍ଟ ସହ ଶୀର୍ଷରେ ଥିବା ବେଳେ ଗୁଜରାଟ ଜାଏଣ୍ଟ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ୨ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି ।

---

# ହକି

ପୁରୁଷ ଏଫ୍.ଆଇ.ଏଚ୍. ପ୍ରୋ ହକି ଲିଗ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଭୁବନେଶ୍ୱର କଳିଙ୍ଗ ହକି ଷ୍ଟାଡିୟମ୍‌ରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଇଂଲଣ୍ଡ ଏବଂ ସ୍ପେନ୍ ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଭାରତ ଏବଂ ଜର୍ମାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ସେହିପରି ମହିଳା ଏଫ୍.ଆଇ.ଏଚ୍. ପ୍ରୋ ଲିଗ୍ ହକିରେ ଆଜି ଭାରତ ଏବଂ ସ୍ପେନ୍ ମଧ୍ୟରେ ଅପରାହ୍ଣ ୫ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ । ଦୁଇଟି ମ୍ୟାଚ୍‌ରୁ ୩ ପଏଣ୍ଟ ସହ ପୁରୁଷ ହକିରେ ଭାରତ ଅଷ୍ଟମ ସ୍ଥାନରେ ଥିବା ବେଳେ ଜର୍ମାନ ୪ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଛି ।

---

# ମନୁ ଭାକର

ପ୍ୟାରିସ୍ ଅଲିମ୍ପିକ୍ସରେ ଉନ୍ନତ ପ୍ରଦର୍ଶନ ପାଇଁ ଭାରତୀୟ ସୁଟର ମନୁ ଭାକରଙ୍କୁ ବି.ବି.ସି. ଇଣ୍ଡିଆନ୍ ସ୍ପୋର୍ଟସ୍ ଓମ୍ୟାନ୍ ଅଫ୍ ଦି ଇୟର୍ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ମନୁଙ୍କ ସମେତ ଗଲ୍ଫ ଖେଳାଳି ଅଦିତି ଅଶୋକ, ପାରା ସୁଟର ଅବନୀ ଲେଖାରା, କ୍ରିକେଟ୍‌ର ସ୍ମୃତି ମନ୍ଧାନା ଏବଂ କୁସ୍ତି ଯୋଦ୍ଧା ଭିନେଶ୍ ଫୋଗଟ୍‌ଙ୍କୁ ସେମାନଙ୍କ ପ୍ରଦର୍ଶନ ପାଇଁ ମନୋନୀତ

କରାଯାଇଛି । ଖେଳାଳିମାନଙ୍କୁ ମନୋନୀତ କରିବା ଲାଗି କ୍ରୀଡ଼ା ସାମ୍ବାଦିକ ଏବଂ ଲେଖକମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା । ପ୍ୟାରିସ୍ ଅଲିମ୍ପିକ୍ସରେ ଦୁଇଟି କାଂସ୍ୟ ପଦକ ଜିତି ୨୨ ବର୍ଷୀୟ ମନୁ ପ୍ରଥମ ଭାରତୀୟ କ୍ରୀଡ଼ାବିତ୍ ଭାବେ ଗୋଟିଏ ଅଲିମ୍ପିକ୍ସରେ ଏକାଧିକ ପଦକ ଜିତିଥିଲେ ।

---